

# ଭୁବନେଶ୍ୱର ସିଟି





ଜନତା ମଇଦାନରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ

## ଯାଯାବର ମନମୋର...

ଭୁବନେଶ୍ୱର,୧୬।୨(ସମିସ): କେତେବେଳେ ଖୋକା ଭାଇଙ୍କ ଗୀତ ତ ପୁଣି ତା'ପରେ ପରେ ପ୍ରଫୁଲ୍ଲ କର, ଚିତ୍ତ ଜେନା, ମହମ୍ମଦ ସିକନ୍ଦର ଆଲମଙ୍କ ରଚିତ ଚିରସବୁଜ ସଙ୍ଗୀତରେ ଝୁମି ଉଠିଥିଲେ ଶ୍ରୋତା। ଉପାସନା ପକ୍ଷରୁ ମ୍ୟୁଜିକ୍ ସିଜ୍‌ଲର୍ସ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଯାଯାବର ମନ ମୋର କଥାଚିତ୍ର ଗୀତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଲୋଭା ବିଶ୍ୱାଳ, ସୀମା ମହାନ୍ତି, ଅଙ୍କିତା ଦାସ, କୌଶିକ ପଟ୍ଟନାୟକ ପ୍ରମୁଖ ଯା ଯାରେ ଭାସି ଭାସି ଯା, ଯାଯାବର ମନ ମୋର, ପଡ଼ିବନି ବନ୍ଧୁ ପଡ଼ିବନି, ଚାନ୍ଦ ନା ତୁମେ ତାରା, ମାଝିରେ, ତୁମେ ହିଁ ସ୍ୱର୍ଗ ମୋର, ମୁଁ ଦଣ୍ଡା ବାଲୁଙ୍ଗା ଗୀତଗୁଡ଼ିକୁ ପରିବେଷଣ କରିଥିଲେ। ଅଶି ଦଶକର କାଳଜୟୀ ସଙ୍ଗୀତକୁ ପ୍ରାରମ୍ଭରେ କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତର ସୀତାକାନ୍ତ ଦାଶ, ପୂର୍ବତନ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ବିଜ୍ଞାପନ କମ୍ପାନୀ ଦ ମେସେଞ୍ଜରର ସିଇଓ ଦେବୀ ପ୍ରସାଦ ଦାଶ, ଡାକ୍ତର ସୁନିଲ କର, ଇଂ ପ୍ରସନ୍ନ କୁମାର ସାହୁ, ସଙ୍ଗୀତ ନିର୍ଦ୍ଦେଶକ ରାଜ କିଶୋର ଗୋଛାୟତ ଯୋଗଦେଇଥିଲେ।

## ନୂଆ ରୂପ ନେଉଛି କଂଗ୍ରେସ ଭବନ



ଭୁବନେଶ୍ୱର,୧୬।୨(ସମିସ): କଂଗ୍ରେସ ଭବନ ଏବେ ଚଳଚଞ୍ଚଳ। ସକାଳୁ ସଞ୍ଜ ଯାଏଁ ଏବେ ନେତାଙ୍କ ଗହଳିଚହଳି। ଏପଟେ ନୂଆ ନେତାଙ୍କୁ ସ୍ୱାଗତ କରିବାକୁ କଂଗ୍ରେସ ଭବନକୁ ବି ନୂଆ ରୂପ ଦିଆଯାଉଛି। ସମ୍ପୂର୍ଣ୍ଣ ବିଲ୍ଡିଂକୁ ନୂଆ ରଙ୍ଗ କରାଯାଉଥିବା ବେଳେ ଚେୟାର ଟେବୁଲ୍ ସବୁ ପରଷ୍କାର କରାଯାଉଛି। ଏହା ସହିତ ପିସିସି ସଭାପତି ଭାବେ ଦାୟିତ୍ୱ ନେବା ପରେ ଭକ୍ତ ଚରଣ ଦାସ ଯେଉଁ କ୍ୟାବିନ୍‌ରେ ବସିବେ, ତାହାକୁ ମଧ୍ୟ ଚିକ୍‌ଚିକ୍ କରାଯାଉଛି। କ୍ୟାବିନ୍‌ରେ ନୂଆ ଏସି ସାଙ୍ଗକୁ ଚୌକି, ଟେବୁଲ୍ ସବୁର ଟିକିନିଖି ବ୍ୟବସ୍ଥା ହେଉଛି। ଏହାସହିତ ପୂର୍ବରୁ କାର୍ଯ୍ୟାଳୟରେ ଲାଗିଥିବା ପିସିସି ସଭାପତି ଓ ପ୍ରଭାରୀଙ୍କ ଫଟୋ ମଧ୍ୟ ହଟାଯାଉଛି। ପିସିସି ସଭାପତିଙ୍କ ସମେତ ନୂଆ ପ୍ରଭାରୀଙ୍କ ବଡ଼ ହୋର୍ଡିଂ ପାଇଁ ଅର୍ଡର ଦିଆଯାଇଥିବା ଜଣାପଡ଼ିଛି। ୧୮ ତାରିଖରେ ଭକ୍ତ ଦାସ ପଦଯାତ୍ରା ଆରମ୍ଭ କରୁଥିବାବେଳେ ୩ ଦିନ ପର୍ଯ୍ୟନ୍ତ ସେ ପୁରୀରେ ରହିବେ। ଏହା ପରେ ସେ କଂଗ୍ରେସ ଭବନକୁ ଆସି ଦାୟିତ୍ୱ ଗ୍ରହଣ କରିବାର ସ୍ଥିର କରାଯାଇଛି। ତେଣୁ ଏହା ପୂର୍ବରୁ କିପରି କଂଗ୍ରେସ ଭବନର ସମ୍ପୂର୍ଣ୍ଣ ନବକଳେବର କରାଯାଇପାରିବ ତାକୁ ଦଳ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି।

## ଶତାବ୍ଦୀର କଳାକାର ପକ୍ଷରୁ 'ବାପା'

ଭୁବନେଶ୍ୱର,୧୬।୨(ସମିସ): ବାପା ଘରର ମେରୁଖୁଣ୍ଟ, ଘରର ମୁରବୀ, ଘରକୁ ସୁନ୍ଦର କରିବା ପାଇଁ ଜୀବନସାରା ପରିଶ୍ରମ କରନ୍ତି। ପିଲାଙ୍କୁ ମଣିଷ କରିବା ପାଇଁ, ତାଙ୍କ ମୁହଁରେ ଟିକେ ହସ ଦେଖିବା ପାଇଁ, ବାପା ଜୀବନକୁ ବାଜି ଲଗେଇ ଦିଅନ୍ତି। ଆମ ନାଟକର ବାପା, ଚାକିରି ଶେଷରେ ପାଇଥିବା ଟଙ୍କାରେ ଘର କରନ୍ତି ଘରଟିକୁ ସ୍ତ୍ରୀ ନାଁରେ କରିଦିଅନ୍ତି, ଆଉ ବାକି ଟଙ୍କା ନିଜ ଦୁଇ ପୁଅଙ୍କ ନାଁରେ ଫିକ୍ସଡ୍ ଡିପୋଜିଟ୍ କରିଦିଅନ୍ତି। ଜୀବନର ଶେଷ ଦିନରେ ସେ ପାଆନ୍ତି ନିର୍ଯାତନା, ଶୋଇବାକୁ ମିଳେ ଶିଡ଼ିଘର, ଖାଇବାକୁ ମିଳେ ବଳକା ଖାଦ୍ୟ। ଶେଷରେ ଅତିଷ୍ଠ ହୋଇ ସେ ରେଳ ଲାଇନ୍‌ରେ ଆତ୍ମହତ୍ୟା କରିବାକୁ ସ୍ଥିର କରନ୍ତି। କିନ୍ତୁ ତାଙ୍କ ଚେଷ୍ଟା ସଫଳ ହୋଇପାରେନା। ତାଙ୍କୁ ଜଣେ ଛୋଟ ଝିଅ ବଞ୍ଚେଇ ଦିଏ। ତା'ପରେ ସେ ଘରକୁ ଫେରିଯାଆନ୍ତି। କିନ୍ତୁ ଘରେ ତାଙ୍କୁ ସ୍ଥାନ ମିଳେନା। ସେ ଆସି ମାର୍କେଟ୍‌ରେ ରାସ୍ତାକଡ଼ରେ ବସନ୍ତି। ମାର୍କେଟ୍‌ରେ ମଧ୍ୟ ତାଙ୍କୁ ଭିକାରୀ ଓ ଗୁଣ୍ଡାମାନେ ହଇରାଣ କରନ୍ତି। ସବୁ ଜାଗାରେ ତାଙ୍କ ସହ ଥିବା ଛୋଟ ଝିଅ 'ପରୀ' ତାଙ୍କୁ ସାହାଯ୍ୟ କରେ। ପରେ ବାପାଙ୍କ ଜୀବନରେ କ'ଣ ସବୁ ଘଟଣା ଘଟିଯାଏ, ଏମିତି କିଛି କାହାଣୀକୁ ନେଇ ବିଜୁ ନାଟ୍ୟ କେନ୍ଦ୍ରରେ ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାପା' ରବିବାର ମଞ୍ଚସ୍ଥ ହୋଇଯାଇଛି। ଡ. ଗୌରହରି ଦାସଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ନାଟ୍ୟକାର ବିଜୟ ଦାସ, ନାଟ୍ୟକାର ଶଙ୍କର ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ନାଟକର ନିର୍ଦ୍ଦେଶନା ସନ୍ତୋଷ ମହାନ୍ତି ଦେଇଥିବାବେଳେ ଧିର ମଲ୍ଲିକ ରଚନା କରିଛନ୍ତି।

ପୂର୍ବ ଶତ୍ରୁତାରୁ ଛାତ୍ରଙ୍କୁ ଅପହରଣ

# ଉଲଗ୍ନ କରି ପିଟିଲେ; ଫୋପାଡ଼ିଦେଲେ

ଭୁବନେଶ୍ୱର,୧୬।୨(ସମିସ):

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଛାତ୍ରଙ୍କୁ ଅପହରଣ କରାଯାଇଛି। ୬ ଜଣ ମିଶି ଛାତ୍ରଙ୍କୁ ନୂଆପଲ୍ଲୀରୁ ଅପହରଣ କରି ଜାଗମରାରେ ଛାଡ଼ିଛନ୍ତି। ତାଙ୍କୁ ଦୁର୍ବୃତ୍ତମାନେ ଏକ ନିଛାଟିଆ ସ୍ଥାନକୁ ନେଇ ଉଲଗ୍ନ କରି ପିଟିପିଟି ଅଚେତ ଅବସ୍ଥାରେ ଫୋପାଡ଼ି ଦେଇ ଫେରାର୍ ହୋଇଗଲେ। ଘଟଣାର ଅଭିଯୋଗ ପରେ ଜଣକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ବାଲେଶ୍ୱର ରେମୁଣାର ଏମ୍‌ଡି ଜୁନେଦ୍ (୨୧)।

ପୁଲିସ ସୂଚନା ଅନୁସାରେ, ୟୁନିଟ୍ ୩ ଅଞ୍ଚଳରେ ରୁହୁଥିବା ରାହୁଲ ଚୌଧୁରୀ ଗଙ୍ଗପଡ଼ା ସ୍ଥିତ ଏକ ଘରୋଇ କଲେଜରେ ବାଣିଜ୍ୟ ବିଭାଗରେ ପଢୁଛନ୍ତି। କଲେଜ ବାର୍ଷିକ ଉତ୍ସବକୁ ନେଇ ସେହି କଲେଜର ବିଜ୍ଞାନ ବିଭାଗର ଜଣେ ଛାତ୍ରୀଙ୍କ ସହିତ ରାହୁଲଙ୍କର କଥା କଟାକଟି ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଚାପା ବିବାଦ ଲାଗି ରହିଥିଲା। ଛାତ୍ରୀ ଜଣକ ଘଟଣା ବିଷୟରେ ଆଉଜଣେ ଛାତ୍ରଙ୍କୁ କହିଥିଲେ। ରାହୁଲ ଗତ ୫ ତାରିଖ ଅପରାହ୍ଣରେ କଲେଜ ବସ୍‌ରେ ଆସି ୟୁନିଟ୍ ୮ ନିକଟରେ ଓହ୍ଲାଇ ବାପାଙ୍କୁ ଅପେକ୍ଷା କରିଥିଲେ। ଠିକ୍ ସେହି ସମୟରେ ଯୁବତୀଙ୍କ ପ୍ରରୋଚନାରେ କିଛି ଅସାମାଜିକ ଯୁବକ ସେଠାରେ ପହଞ୍ଚିଥିଲେ। ନମ୍ବରବିହୀନ ଏକ ଫର୍ଚୁନର କାର୍‌ରେ ୪ ଜଣ ଓ ବୁଲେଟ୍ ମୋଟର ସାଇକଲରେ ୨ ଜଣ ଆସି ସେଠାରେ ପହଞ୍ଚିଥିଲେ। ସମସ୍ତେ ମିଶି ରାହୁଲଙ୍କୁ ଗାଳିଗୁଲଜ ଓ ଆକ୍ରମଣ କରିବା ସହିତ ଜୋର୍‌ଜବରଦସ୍ତ ଉକ୍ତ ଫର୍ଚୁନର କାର୍‌ରେ ଉଠାଇ ନେଇଥିଲେ। ରାସ୍ତାରେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେବା ସହିତ ଉଲଗ୍ନ କରି ସହରସାରା ବୁଲାଇଥିଲେ। ପରେ ତାଙ୍କୁ ଜାଗମରା ଅଞ୍ଚଳର ଏକ ଘରୋଇ କଲେଜ ପଛ ପାଖରେ ଥିବା ଏକ ନିଛାଟିଆ ସ୍ଥାନକୁ ନେଇ ଯାଇଥିଲେ। ସେଠାରେ ଆଉ କିଛି ଦୁର୍ବୃତ୍ତ ପୂର୍ବରୁ ଛକି ରହିଥିଲେ। ସମସ୍ତେ ମିଶି ତାଙ୍କୁ ସେଠାରେ ମାଡ଼ ମାରିବା ସହିତ ଭୁଲ୍ ମାଗିବା ପାଇଁ ବାଧ୍ୟ କରିଥିଲେ। ଜଣେ ଦୁର୍ବୃତ୍ତ ପିନ୍ଧିଥିବା ବଳାରେ ବାରମ୍ବାର କାନକୁ ଲକ୍ଷ୍ୟ କରି ଆକ୍ରମଣ କରିବା ଦ୍ୱାରା ରାହୁଲ ସେଠାରେ ଅଚେତ ହୋଇଯାଇଥିଲେ। ପ୍ରାୟ ୧ ଘଣ୍ଟା ପରେ ଚେତା ଫେରିବାରୁ ନିଜକୁ ସେଠାରେ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପରେ ନିଜର ଜଣେ ସାଙ୍ଗଙ୍କ ସହଯୋଗରେ ରାତିରେ ଘରକୁ ଫେରିଥିଲେ। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ରବିବାର ଏକାମ୍ର ପାର୍କ ଅଞ୍ଚଳରେ ଚଢ଼ଉ କରି ଗିରଫ କରିବା ସହିତ ଘଟଣାରେ ବ୍ୟବହୃତ ବୁଲେଟ୍ ଜବତ କରିଛି। ସମ୍ପୃକ୍ତ କଲେଜର ବିଜ୍ଞାନ ଛାତ୍ରୀଙ୍କ ପ୍ରରୋଚନାରେ ଏଭଳି କାଣ୍ଡ ଘଟିଥିବା ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

**ନୂଆପଲ୍ଲୀରୁ ନେଲେ; ଜାଗମରାରେ ଛାଡ଼ିଲେ**

**ବିଜ୍ଞାନ ଛାତ୍ରୀ ମୁଖ୍ୟ କାର୍ଯଟ୍‌ଦାର**

**ଜଣେ ଗିରଫ, ୧୦ ଫେରାର୍**



# ସହଦେବ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ରମା ଗିରଫ

- ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ ପରେ ଗିରଫ କଲା ପୁଲିସ
- ହତ୍ୟା ପାଇଁ ୩ ମାସ ପୂର୍ବରୁ ଦେଇଥିଲା ସୁପାରୀ
- ରିମାଣ୍ଡରେ ଆଣି ପଚରାଉଚରା କରିବ ପୁଲିସ



ଭୁବନେଶ୍ୱର,୧୬।୨(ସମିସ): ସହଦେବ ନାୟକ ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ରମା ନାୟକକୁ ଗିରଫ କରିଛି ପୁଲିସ। ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ ପରେ ଗିରଫ କଲା ପୁଲିସ। ୩ ମାସ ଆଗରୁ ସହଦେବଙ୍କୁ ହତ୍ୟା ପାଇଁ ରମା ଦେଇଥିଲା ସୁପାରୀ। ହତ୍ୟା ପଛର କାରଣ ଥିଲା ପୂର୍ବ ଶତ୍ରୁତା ଓ ନିଶା କାରବାର। ସେ ଘରେ ପଶି ପୂରା ହତ୍ୟାର ଟିକିନିଖି ଖବର ନେଉଥିଲା। ମୁଣ୍ଡ କାଟି ନେଇଯିବାକୁ କରିଥିଲା ଷଡ଼ଯନ୍ତ୍ର। ହତ୍ୟା କରିବାକୁ ଲଗାଇଥିଲା ସୁପାରିକିଲର। ସହଦେବ ହତ୍ୟାର ୪୦ ଦିନ ପରେ ଆତ୍ମସମର୍ପଣ କଲେ ରମା। ଗତ ଜାନୁଆରୀ ୮ରେ ପ୍ରବାସୀ ଭାରତୀୟ ସମ୍ମିଳନୀ ପାଇଁ ପୁଲିସ ପ୍ରସ୍ତୁତରେ ଲାଗିଥିବାବେଳେ ରମାଙ୍କ ଇସାରାରେ ରାଜଧାନୀରେ ଗଡ଼ିଥିଲା ମୁଣ୍ଡ।

ସଫେଇ ସଂଘ ନେତା ସହଦେବ ନାୟକଙ୍କୁ ବିଚ୍ ରାସ୍ତାରେ ବୀଭତ୍ସ ଭାବେ କରାଯାଇଥିଲା ହତ୍ୟା। ଦୁଇଟି ଗାଡ଼ିରେ ଆଗ ପଛ ହୋଇ ଧାରୁଆ ଅସ୍ତ୍ରରେ ଗଣ୍ଡି ମୁଣ୍ଡ ଅଲଗା କରିଦେଇଥିଲେ ଦୁର୍ବୃତ୍ତ। ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଥିଲା ସ୍ପେଶାଲ ସ୍କ୍ୱାଡ୍। ପୂର୍ବ ଶତ୍ରୁତା, ନିଶା କାରବାରକୁ ନେଇ ହତ୍ୟାକାଣ୍ଡ ଘଟିଥିବାବେଳେ ଅଭିଯୁକ୍ତଙ୍କୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଥିଲା ପୁଲିସ। ଧଉଳି ଥାନା ଅନ୍ତର୍ଗତ ଦୟାନଦୀ କୂଳରେ ଅଭିଯୁକ୍ତ ଅପରାଧ ଘଟାଇବା ପରେ ଫିଙ୍ଗି ଦେଇଥିଲେ ଧାରୁଆ ଅସ୍ତ୍ର। ହତ୍ୟାର ୨୪ ଘଣ୍ଟା ମଧ୍ୟରେ ୫ ଅଭିଯୁକ୍ତଙ୍କୁ ଧରିଥିଲା ପୁଲିସ। ପରେ ଅନ୍ୟ ଜଣଙ୍କୁ କାବୁ କରିଥିବାବେଳେ ରବିବାର ମଞ୍ଚେଶ୍ୱର ଥାନାରେ ଆତ୍ମସମର୍ପଣ କରିଛନ୍ତି ମୁଖ୍ୟ ଅଭିଯୁକ୍ତ ରମା ନାୟକ। ରମାଙ୍କ ପରିବାର ଲୋକେ ଗିରଫଦାରୀକୁ ଗ୍ରହଣ କରୁ ନ ଥିଲେ ମଧ୍ୟ ମୁଖ୍ୟ ଖଳନାୟିକାଙ୍କୁ କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି ଡିସିପି ପିନାକ୍ ମିଶ୍ର। ସପଟେ ସ୍ୱାମୀଙ୍କୁ ନ୍ୟାୟ ଦାବିରେ ବାରମ୍ବାର ଧାରଣାରେ ବସି ରହୁଛନ୍ତି। ବସ୍ତିରେ ଚାଲୁଥିବା ନିଶା କାରବାରକୁ ବିରୋଧ କରିବାରୁ ତାଙ୍କ ସ୍ୱାମୀଙ୍କ ମୁଣ୍ଡ ଗଡ଼ିଥିବା ସହଦେବଙ୍କ ପତ୍ନୀ କହିଛନ୍ତି। କେବଳ ରମା ନୁହେଁ, ତାଙ୍କ ପରିବାରର ଅନ୍ୟତମ ଅଭିଯୁକ୍ତଙ୍କୁ ଗିରଫ ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସହଦେବଙ୍କ ପତ୍ନୀ। ସ୍ପେଶାଲ ସ୍କ୍ୱାଡ୍ ଓ ମଞ୍ଚେଶ୍ୱର ଥାନା ପୁଲିସର ଆକ୍ସନ୍ ଓ ତଦନ୍ତ ପ୍ରକ୍ରିୟାକୁ ସାଧୁବାଦ ଜଣାଇଛନ୍ତି ଭୁବନେଶ୍ୱର ଡିସିପି। ଅନ୍ୟ ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ତୁରନ୍ତ ଧରିବା ସହ ଶୀଘ୍ର ଚାର୍ଜସିଟ୍ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ଡିସିପି କହିଛନ୍ତି। ବସ୍ତି ଭିତରେ ନିଶା କାରବାର ନେଇ ମିଳିଛି ପ୍ରମାଣ। ସରକାରୀ ଜମିରେ ଅଭିଯୁକ୍ତମାନେ କରିଥିବା ଘର ଭାଙ୍ଗିବା ନେଇ ବିଡିଏକୁ ଅନୁମତି ମଗାଯାଇଥିବା କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି।

# ହୋଟେଲକୁ ଡାକି ମହିଳାଙ୍କୁ ଦୁଷ୍କର୍ମ

ଭୁବନେଶ୍ୱର,୧୬।୨(ସମିସ): ବ୍ୟବସାୟରେ ଭାଗିଦାରୀ ଆଳରେ ହୋଟେଲକୁ ଡାକିଲା। ସେଠାରେ ଜୋର୍‌ଜବରଦସ୍ତ ମହିଳାଙ୍କୁ ଦୁଷ୍କର୍ମ କରିଲା। ଏଭଳି ଘଟଣା ଘଟିଛି ଖାରବେଳ ନଗର ଥାନା ଅଞ୍ଚଳରେ। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପିପିଲି ଥାନା କଣ୍ଟି ବାରିମୂଳର ରାଧେଶ୍ୟାମ ପାଟଶାଣୀ (୨୯)।



ପୁଲିସ ସୂଚନା ଅନୁସାରେ, ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜଣେ ମହିଳା ରାଧେଶ୍ୟାମଙ୍କ ସହିତ ମିଶି ବୁଟିକ୍ ଆଉଟ୍‌ଲେଟ୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ। ବ୍ୟବସାୟ ସମ୍ପର୍କରେ ରାଧେଶ୍ୟାମ ସହିତ କଥାବାର୍ତ୍ତା ହେବା ପାଇଁ ମହିଳା ଜଣକ ଖାରବେଳ ନଗର ସ୍ଥିତ ଆରାଧ୍ୟା ରେସିଡେନ୍ସି ହୋଟେଲକୁ ଯାଇଥିଲେ। ଏହା ପୂର୍ବରୁ ମଧ୍ୟ ୫୦ ପ୍ରତିଶତ ଲେଖାଏଁ ଭାଗିଦାରୀରେ ବ୍ୟବସାୟ କରିବା ପାଇଁ ଉଭୟ ଫୋନ୍ ଯୋଗେ କଥା ହୋଇଥିଲେ। ସେଠାରେ ରାଧେଶ୍ୟାମ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇଥିଲା। ମହିଳା ଜଣ ରାଜି ନ ହେବାରୁ ରାଧେଶ୍ୟାମ ତାଙ୍କୁ ରାତିରେ ସେଠାରେ ରହିବାକୁ କହିଥିଲା। ମହିଳା ଜଣକ ବିରୋଧ କରିବାରୁ ସେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲା। ମୋ ଲୋକମାନେ ଚାରିପାଖରେ ରହିଛନ୍ତି ସେମାନେ ତୁମକୁ ଯିବାକୁ ଦେବେନାହିଁ ବୋଲି ରାଧେଶ୍ୟାମ ଧମକ ଦେଇଥିଲା। ସ୍ୱାମୀଙ୍କୁ ହତ୍ୟା କରିବ ବୋଲି ଧମକ ଦେଇ ମହିଳାଙ୍କୁ ଜୋର୍‌ଜବରଦସ୍ତ ଦୁଷ୍କର୍ମ କରିଥିଲା। ମହିଳାଙ୍କଠାରୁ ଖବରପାଇ ସ୍ୱାମୀ ଓ ଭାଇ ଆସି ତାଙ୍କୁ ଉଦ୍ଧାର କରିଥିଲେ। ରାଧେଶ୍ୟାମ ହାଇଟେକ୍ ଛକରେ ପରବର୍ତ୍ତୀ ସମୟରେ ମହିଳାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲା। ଏନେଇ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ରବିବାର ରାଧେଶ୍ୟାମକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଉଦୟଗିରି ବୁଲୁଥିଲେ; ଟଳି ପଡ଼ିଲେ

ଭୁବନେଶ୍ୱର,୧୬।୨(ସମିସ): ଉଦୟଗିରି ପାହାଡ଼ରେ ବୁଲୁଥିଲେ, ହଠାତ୍ ଟଳିପଡ଼ିଲେ। ପୁଲିସ ତୁରନ୍ତ ଡାକ୍ତରଖାନା ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଦେଲେ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଉଦୟଗିରି ପାହାଡ଼ରେ। ମୃତକ ହେଉଛନ୍ତି ଟୁନି ପାତ୍ର (୪୫)।

ସୂଚନା ଅନୁସାରେ, ଗଞ୍ଜାମ ଛତ୍ରପୁରର ଟୁନି ତମାଣ୍ଡୋ ଅଞ୍ଚଳରେ ଭଡ଼ାରେ ରହୁଛନ୍ତି। ରବିବାର ଦ୍ୱିପହରରେ ଉଦୟଗିରି ପାହାଡ଼ରେ ବୁଲାବୁଲି କରୁଥିଲେ। ହଠାତ୍ ପାହାଡ଼ର ପାହାଚରେ ଟଳି ପଡ଼ିଥିଲେ। କୁନି ପଡ଼ିଯିବା ପରେ ଅନ୍ୟ ପର୍ଯ୍ୟଟକମାନେ ଦୌଡ଼ି ଆସିଥିଲେ। ଖବରପାଇ ଖଣ୍ଡଗିରି ଥାନା ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଟୁନିଙ୍କୁ ଉଦ୍ଧାର କରି ଏମ୍‌ସ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟୁନିଙ୍କ ପରିବାର ଲୋକେ ଆସି ଡାକ୍ତରଖାନାରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ଖଣ୍ଡଗିରି ଥାନା ପୁଲିସ। ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ହୃଦ୍‌ଘାତ ଯୋଗୁଁ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଥିବାବେଳେ ସେନେଇ କୌଣସି ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ହାତରେ ମଲାପଶୁ ଉଠାଇବା ଦାୟିତ୍ୱ

ଭୁବନେଶ୍ୱର,୧୬।୨(ସମିସ):

ବିଏମ୍‌ସିରେ ସ୍ୱାସ୍ଥ୍ୟ ବିଭାଗ ସ୍ୱାସ୍ଥ୍ୟ କ୍ଷେତ୍ରରେ ସୁଧାର ପାଇଁ କାମ କରିବା କଥା। ହେଲେ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗକୁ ଏହାସହିତ ପଶୁ ମଢ଼ ଉଠା କାମ ଦିଆଯାଇଛି। ଏହାର କର୍ମଚାରୀମାନେ ସକାଳ ହେଲେ କେଉଁଠି ମଲା କୁକୁର ପଡ଼ିଛି, ପୁଣି କେଉଁଠି ମଲା ଗୋରୁ ପଡ଼ିଛି ଖୋଜି ବୁଲୁଛନ୍ତି। ବଡ଼ ବଡ଼ ମହାନଗରଗୁଡ଼ିକରେ ଏହି କାମ ପରିମଳ ବିଭାଗ ହାତରେ ରହିଛି। କିନ୍ତୁ ବିଏମ୍‌ସିରେ ଏହା ସ୍ୱାସ୍ଥ୍ୟ ବିଭାଗ ହାତରେ ରହିଥିବାରୁ ଏହି କାମ ଠିକ୍ ଭାବେ ହୋଇପାରୁ ନ ଥିବା ଅଭିଯୋଗ କରାଯାଉଛି। ଏଭଳି ବ୍ୟବସ୍ଥାଗତ ଅସୁବିଧା ଯୋଗୁଁ ମଲା ପଶୁଙ୍କ ମଢ଼ ଠିକ୍ ସମୟରେ ଉଠିପାରୁନି। ରାସ୍ତାରେ ମଢ଼ ପଡ଼ି ପଡ଼ି ସଢୁଛି। ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟୁଛି।

**ସୁଧୁରିପାରୁନି ବ୍ୟବସ୍ଥାଗତ ସମସ୍ୟା; ହଇରାଣ ହେଉଛନ୍ତି ରାଜଧାନୀବାସୀ**

**ସହରରୁ ଉଠୁନାହାନ୍ତି ମଲାପଶୁ; ଦୁର୍ଗନ୍ଧରେ ଫାଟି ପଡୁଛି ନାକ**

ଘରର ଅଳିଆ ଆବର୍ଜନାକୁ ବିଏମ୍‌ସିର ପରିମଳ ବିଭାଗ ଉଠାଉଛି। ପରିମଳ ବିଭାଗ ପାଖରେ ଲୋକସମ୍ବଳଠାରୁ ଆରମ୍ଭ କରି ଗାଡ଼ି ଏବଂ ଏକାଧିକ ଏଜେନ୍ସି ରହିଛି। ହେଲେ ଏହି ଦାୟିତ୍ୱ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଛି। ଏଣୁ ସ୍ୱାସ୍ଥ୍ୟ ବିଭାଗ ରୋଗୀ ସେବା ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ସହରରେ ବୁଲିବୁଲି ମଲା ଗୋରୁ ଉଠାଉଛି। ଏଣୁ ସହରର ମଲା ପଶୁପକ୍ଷୀ ଉଠିବାରେ ବିଳମ୍ବ ହେଉଛି। ଦୀର୍ଘ ଦିନ ହେବ ଏଭଳି ବ୍ୟବସ୍ଥାଗତ ସମସ୍ୟା ଲାଗି ରହିଥିଲେ ମଧ୍ୟ ଉଚ୍ଚସ୍ତରୀୟ ଅଧିକାରୀ ଏହାକୁ ସମାଧାନ କରୁନାହାନ୍ତି କିମ୍ବା ଏହି ବିଭାଗକୁ ମଜଭୁତ କରୁନାହାନ୍ତି। ଯାହାଫଳରେ ରାଜଧାନୀବାସୀ ହଇରାଣ ହରକତ ହେଉଛନ୍ତି।



ରାଜଧାନୀରେ ମଲା ପଶୁ ଉଠା ସମସ୍ୟାର ସମାଧାନ ହେବାରେ ନାଁ ଧରୁନି। ଦିନ ଦିନ ଧରି ରାସ୍ତା ଉପରେ ମଲା ପଶୁ ପଡ଼ି ରହୁଛି। ହେଲେ ଉଠାଇବାକୁ କେହି ଆସୁନାହାନ୍ତି। ଏଭଳି ସମସ୍ୟାକୁ ନେଇ ଲୋକ ବର୍ଷ ବର୍ଷ ଧରି ହଇରାଣ ହେଉଥିଲେ ମଧ୍ୟ ବିଏମ୍‌ସିର ଏଥିପ୍ରତି ଆଦୌ ନିଘା ନାହିଁ। କେତେବେଳେ ବିଏମ୍‌ସି କହୁଛି ଆଗକୁ ସବୁ ଠିକ୍ ହୋଇଯିବ। ପୁଣି କେତେବେଳେ ରାଜଧାନୀବାସୀଙ୍କୁ ମଶାଣି ସ୍ୱପ୍ନ ଦେଖାଇ ଚାଲିଛି। ହେଲେ ଏହି ସମସ୍ୟାର କେବେବି ସମାଧାନ ବାହାରିପାରୁ ନାହିଁ। ବିଗତ କିଛିଦିନ ମଧ୍ୟରେ ପଶୁମଢ଼ ଉଠାଯାଉ ନ ଥିବା ନେଇ ଏକାଧିକ ଅଭିଯୋଗ ହେଉଛି। ଭିଏସ୍ଏସ୍ ନଗର ଡମ୍ପିଂ ୟାର୍ଡ ନିକଟରେ ଏକ କୁକୁର ମରି ସଢ଼ି ଗଲାଣି; ହେଲେ ଉଠାଯାଉ ନାହିଁ। ସହିଦନଗର ୱାର୍ଡ ନମ୍ବର ୫୦ରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗ ପାଖରେ ଗୋଟିଏ ଟିମ୍ ରହିଛି। ଏହି ଟିମ୍ ସହରରେ ମଲା ପଶୁପକ୍ଷୀ ଉଠାଉଛନ୍ତି। ହେଲେ ଏଗୁଡ଼ିକୁ ପୋତିବାକୁ ସରକାରୀ ଜାଗା ନ ମିଳିବାରୁ ଏହାକୁ ଜଙ୍ଗଲିଆ ସ୍ଥାନ ଦେଖି ପୋତାଯାଉଛି। ଅନେକ ସମୟରେ ମଲାପଶୁ ପୋତିବା ବିବାଦ ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମଲାପଶୁ ଉଠାଇବାକୁ ମଙ୍ଗୁନାହାନ୍ତି।



## ଖଣ୍ଡଗିରି ଯାତ୍ରା ମହାକୁମ୍ଭ

# ରାତି ସହ ତାଳ ଦେଇ ବଢୁଛି ଭିଡ଼



ଭୁବନେଶ୍ୱର,୧୬।୨(ସମିସ):

ସୋମବାର ସରିବ ଖଣ୍ଡଗିରିର ଅଘୋଷିତ ଯାତ୍ରା ପ୍ରତିଯୋଗିତା। ୧୧ ଦିନ ଧରି ଚାଲିଥିବା ଯାତ୍ରା ମହାକୁମ୍ଭରେ ଯବନିକା ପଡ଼ିବ। କମିଟି ଓ ଅପେରା ପାର୍ଟିଙ୍କ ହାତରେ ମାତ୍ର ଦୁଇଦିନ। ଶେଷ ଦୁଇ ଦିନରେ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ରବିବାର ରାତିରୁ ସମସ୍ତେ ଲାଗି ପଡ଼ିଥିଲେ। ରାତି ଯେତିକି ବଢୁଥିଲା, ଭିଡ଼ କମିବା ପରିବର୍ତ୍ତେ ବି ବଢୁଥିଲା। ଅଘୋଷିତ ଯାତ୍ରା ପ୍ରତିଯୋଗିତାର ଅଲିଖିତ ନିୟମ ମଧ ରହିଛି। ଯେଉଁ ପାର୍ଟି ନିଜର ନିର୍ଦ୍ଦିଷ୍ଟ ନାଟକରେ ଅଧିକ ଦିନ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିବ, ସେହି ପାର୍ଟି ବର୍ଷକ ପାଇଁ ବେଶ୍ ନାଁ କମାଇବ। ତେଣୁ ସବୁ ପାର୍ଟି ଦର୍ଶକଙ୍କୁ ଆକର୍ଷିତ କରିବା ଲାଗି ଫୁଲ୍ ଦମ୍‌ରେ କସରତ କରୁଛନ୍ତି। ଶେଷ ପର୍ଯ୍ୟାୟ ଲଢ଼େଇ ଦେଖିବାକୁ ଦର୍ଶକଙ୍କ ଭିତରେ ମଧ ବେଶ୍ ଆଗ୍ରହ ଦେଖିବାକୁ ମିଳୁଛି। ଏହାରି ଭିତରେ କୋଣାର୍କ ଗଣନାଟ୍ୟ ତା'ର ବହି ବଦଳାଇଛି। ସନାତନ ସେବା ସମିତି ପେଣ୍ଡାଲରେ ନାଚୁଥିବା କୋଣାର୍କ ଗଣନାଟ୍ୟ ଲଗାତାର ୪ ରାତି ଧରି ଗୋଟିଏ ବହି ରିପିଟ୍ କରୁଥିବାବେଳେ ରବିବାର ରାତିରେ ନାଟକ ବଦଳାଇଛି। ପଞ୍ଚମ ରାତିରେ 'ଜଗା ଧରିଛି ଜୀବନ ପଘା' ନାଟକ ପରିବେଷଣ କରିଛି। ରତି-ମିଟୁନା, ନଳିନୀ-ଜିତୁ, ଝରଣା-ସୁବାସ, ମୁନା-ରୁପା ଓ ଭେଟେରାନ୍ ଦୈତାରୀଙ୍କ ଅଭିନୟ ଦର୍ଶକଙ୍କୁ ମଞ୍ଚ ନିକଟକୁ ଟାଣି ଆଣିଛି।

**ବହି ବଦଳାଇଲା କୋଣାର୍କ**

**ଅନ୍ୟ ୬ ପାର୍ଟିର ରିପିଟ୍**

**ଆଜି ବିଦାୟ ରଜନୀ**



ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ମଞ୍ଚରେ ତୁଳସୀ ଗଣନାଟ୍ୟ ସପ୍ତମ ରାତିରେ ମଧ ନାଟକ ବଦଳାଇ ନାହିଁ। 'ଜହ୍ନ ରାତିର ଝଡ଼' ନାଟକକୁ ନେଇ ଅନ୍ତିମ ପର୍ଯ୍ୟାୟ ଲଢ଼େଇରେ ଜୋର୍‌ଦାର ଟକ୍କର ଦେଉଛି। ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣମହଲ ମଧ ପଞ୍ଚମ ରାତିରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ପରିବେଷଣ କରିଛି। ପାଞ୍ଚ ରାତି ଧରି ସେଇ ନାଟକ ରିପିଟ୍ ହେଉଥିଲେ ମଧ ଦର୍ଶକଙ୍କ ଆଗ୍ରହ କମିନାହିଁ। ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ମଞ୍ଚରେ ରଙ୍ଗମହଲ ପଞ୍ଚମ ରାତିରେ ବି 'ପାପ ଜାଣିନି କି ପୁଣ୍ୟ ଜାଣିନି' ନାଟକ ମଞ୍ଚସ୍ଥ ହୋଇଛି। କଳିଙ୍ଗ ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ତୃତୀୟ ରାତିରେ 'ବାଜିବ ଲୋ ସାହାନାଇ, ତୋରି ପାଇଁ' ନାଟକ ଅନୁଷ୍ଠିତ ହୋଇଛି। ସୁରେଶ ପଣ୍ଡା, ହାପି କର, ମାମା, ପ୍ରିୟଙ୍କା ଓ ସତ୍ୟଙ୍କ ଅଭିନୟ ଦେଖିବାକୁ ପାଇଛନ୍ତି ଦର୍ଶକ।

ଅନ୍ୟପଟେ ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ନାଚୁଥିବା ସ୍ୱପ୍ନମହଲ ପଞ୍ଚମ ରାତିରେ ମଧ ସେଇ ବହିକୁ ରିପିଟ୍ କରିଛି। 'ଜବାବ୍ ମାଗୁଛି ଉଦଣ୍ଡୀ ସୀତା' ନାଟକ ପରିବେଷଣ କରିଛି। ଶୁଭେନ୍ଦୁ-ଟିକିନା, ମୁନା-ନମିତା, ନରି ପଣ୍ଡା, ସାନମଣିଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣିଛି। ଇନ୍ଦିରା ସାଂସ୍କୃତିକ ପେଣ୍ଡାଲରେ ଅପେରା ସିଂହବାହିନୀ ଲଗାତାର ପଞ୍ଚମ ରାତିରେ ମଧ 'ବଡ଼ ବେଦରଦୀ କଳା ସାଆନ୍ତ' ମଞ୍ଚସ୍ଥ ହୋଇଛି। ଚର୍ଚ୍ଚିତ ଯୋଡ଼ି ଟିକି-କାହ୍ନା, ଅଜୁ-ଅପୁ, ଚଗନ, ଧଡ଼ିଆ ଓ କଣ୍ଢେଇଙ୍କ କମେଡ଼ି ହାସ୍ୟରୋଳ ସୃଷ୍ଟି କରିଥିଲା।

# 'ସାମ୍ବାଦିକ ସୁରକ୍ଷା ଆଇନ ଓ ପେନ୍‌ସନ ପ୍ରଦାନ କରାଯାଉ'



ଭୁବନେଶ୍ୱର,୧୬।୨(ସମିସ): ଓଡ଼ିଶା ସାମ୍ବାଦିକ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ ବୁଲନ୍‌ଭାଇ ସେବା ଭବନଠାରେ ରାଜ୍ୟସ୍ତରୀୟ ସାମ୍ବାଦିକ ବନ୍ଧୁ ମିଳନ ଓ ସାମ୍ବାଦିକ ସୁରକ୍ଷା ସମ୍ପର୍କରେ ଆଲୋଚନାଚକ୍ର, ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଆବାହକ ସିପ୍ରାହୀରା ଓ କାହ୍ନୁଚରଣ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବି ଦାସ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମନୋରଞ୍ଜନ ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ନେତା ଜଗନ୍ନାଥ ପ୍ରଧାନ, ସାମ୍ବାଦିକ ପ୍ରସନ୍‌ଜିତ ରାୟ, ଭୁବନେଶ୍ୱର ଓକିଲ ସଙ୍ଘ ସଭାପତି କୁନ୍ଦନ ରଥ ପ୍ରମୁଖ ଯୋଗଦେଇଥିଲେ। ସାଂସଦ ଶ୍ରୀ ପାଣିଗ୍ରାହୀ ମତବ୍ୟକ୍ତ କରିଥିଲେ ଯେ ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ସଦୃଶ୍ୟ। ସଠିକ୍ ତଥ୍ୟ ଦେବା ସହିତ ମୌଳିକତା ବଜାୟ ରଖିବା ଆବଶ୍ୟକ। ମୁଖ୍ୟବକ୍ତା ରବି ଦାସ ସାମ୍ବାଦିକ ସୁରକ୍ଷା ଆଇନ ହେବା ସହ ପେନ୍‌ସନ୍ ଦେବାକୁ ମତବ୍ୟକ୍ତ କରିଥିଲେ। ଉତ୍କଳ ବୁଲେଟିନ୍ ସମ୍ପାଦକ ଅରବିନ୍ଦ ତ୍ରିପାଠୀ, ପ୍ରିୟବ୍ରତ ବାରିକ, ଟାଇମ୍ସ ଓଡ଼ିଶା, ଓଡ଼ିଶା ମୀରର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# 'ସିନ୍ଧୁଜା'ର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୬।୨(ସମିସ): ମାସିକ ପତ୍ରିକା 'ସିନ୍ଧୁଜା'ର ତ୍ରୟୋଦଶ ବାର୍ଷିକ ଉତ୍ସବ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକା ଡ. ଅର୍ଚ୍ଚନା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟାପକ ସନ୍ତୋଷ ତ୍ରିପାଠୀ, ସମାଜସେବୀ ଅନୁରାଧା ମହାନ୍ତି, ମନୋରଞ୍ଜନ ମିଶ୍ର ଓ ସମାଜସେବୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅକ୍ଷୟ ସ୍ୱାଇଁଙ୍କ ଦୁଇଟି ପୁସ୍ତକ 'ସୁମିତ୍ରା ଯାହା ଜାଣେନାହିଁ ଓ ଅନୁବାଦ ପୁସ୍ତକ 'କଥା ଭାରତୀ' ଲୋକାର୍ପିତ ହୋଇଥିଲା। ଏଥିସହିତ ଡ. ମାଧବ ବେହୁରାଙ୍କ ସମ୍ପାଦିତ ଗଳ୍ପ ପୁସ୍ତକ 'ଗଳ୍ପ ସିନ୍ଧୁଜା' ଉନ୍ମୋଚିତ ହୋଇଥିଲା। ଦେବେନ୍ଦ୍ର କୁମାର ବେହେରାଙ୍କୁ 'ସିନ୍ଧୁଜା ସେବା ସମ୍ମାନ', ଡ. ଜ୍ୟୋତିପ୍ରକାଶ ମହାପାତ୍ରଙ୍କୁ 'ସିନ୍ଧୁଜା କର୍ପୋରେଟ୍ ସମ୍ମାନ', ରୁମ୍‌ଝୁମ୍ ନାୟକଙ୍କୁ 'ସିନ୍ଧୁଜା ଗଳ୍ପ ସମ୍ମାନ', ଦେବପ୍ରିୟ ପ୍ରିୟଦର୍ଶୀଙ୍କୁ 'ସିନ୍ଧୁଜା କବିତା ସମ୍ମାନ' ଓ ଡ. ଶୁଭଦର୍ଶିନୀ ପରିଡ଼ାଙ୍କୁ 'ସିନ୍ଧୁଜା ପ୍ରବନ୍ଧ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ଶର୍ମିଳା ସାହୁ ବିବରଣୀ ପାଠ କରିଥିଲେ। ଡ. ମାଧବ ଚନ୍ଦ୍ର ବେହୁରା ସ୍ୱାଗତ ଭାଷଣ ଦେଇଥିଲେ।



# ବିଶ୍ୱସ୍ତରୀୟ ହେବ ନନ୍ଦନକାନନ



ନନ୍ଦନକାନନ,୧୬।୨(ସମିସ): ନନ୍ଦନକାନନ ବିଶ୍ୱସ୍ତରୀୟ ହେବ! କେବେ ଓ କେମିତି ବିଶ୍ୱସ୍ତରୀୟ ହେବ ତାହାର ସ୍ପଷ୍ଟୀକରଣ ମିଳିପାରିନି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ରାଜ୍ୟ ପ୍ରାଣୀ ଉଦ୍ୟାନ ଓ ଉଦ୍ଭିଦ ଉଦ୍ୟାନ ବୁଲି ଦେଖିବା ପରେ ବହୁତ ଖୁସିବ୍ୟକ୍ତ କରିଛନ୍ତି। ନନ୍ଦନକାନନ ବିଶ୍ୱସ୍ତରୀୟ ହେବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଏହାପାଇଁ ଆବଶ୍ୟକ ହେଉଥିବା ଅର୍ଥରେ କେବେ ଅଭାବ ହେବ ନାହିଁ। ଯାହା ଦରକାର ଦିଆଯିବ। ଏହିଭଳି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତେବେ ଏହା କେବେ ଓ କେମିତି ବିଶ୍ୱସ୍ତରୀୟ ମାନ୍ୟତା ପାଇବ ତାହା ଅସ୍ପଷ୍ଟ ରହିଛି।

ମିଳିଥିବା ସୂଚନା ଅନୁସାରେ, ରବିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନନ୍ଦନକାନନ ଗସ୍ତରେ ଆସିଥିଲେ। ତାଙ୍କ ସହିତ ଏକ ଦଳ ପ୍ରାୟ ୨ଘଣ୍ଟା ହେବ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଥିଲେ। ଅପରାହ୍ଣ ୪ଟା ସୁଦ୍ଧା ନନ୍ଦନକାନନରେ ପହଞ୍ଚିଥିଲେ। ପ୍ରଥମେ ଗେଷ୍ଟ ହାଉସ୍‌ରେ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ଓ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ଉପନିର୍ଦ୍ଦେଶକ ବ୍ୟାଟେରିଚାଳିତ ଗାଡ଼ିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିଭିନ୍ନ ଜୀବଜନ୍ତୁ ଘରକୁ ଯାଇ ବୁଲାଇ ଦେଖାଇଥିଲେ। ବୁଲିସାରିବା ପରେ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ଯାଇ ବାଉଁଶ ଉଦ୍ୟାନ ବୁଲି ଦେଖିଥିଲେ। ନନ୍ଦନକାନନରେ ତାଙ୍କୁ ଖୁସି ଲାଗିଛି ଓ ସବୁ ଠିକ୍‌ଠାକ୍ ଚାଲିଥିବା ଉପମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପ୍ରାୟ ସନ୍ଧ୍ୟା ୬ଟା ସୁଦ୍ଧା ଫେରିଥିଲେ। ତେବେ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କ କହିବା ଅନୁସାରେ, ଉପମୁଖ୍ୟମନ୍ତ୍ରୀଙ୍କର ଏହା ସରକାରୀ ଗସ୍ତ ନ ଥିଲା।

# ବୈଶ୍ୟ କରଣ କଲ୍ୟାଣ ସମିତିର ଅଧିବେଶନ

ଭୁବନେଶ୍ୱର,୧୬।୨(ସମିସ): ବୈଶ୍ୟ କରଣ ଶିକ୍ଷିତ ଜାତି। ପୂର୍ବ କାଳରେ ରାଜା ଓ ସାଧବଙ୍କୁ ସାହାଯ୍ୟ କରିଆସୁଥିଲେ। ଐତିହ୍ୟକୁ ସୁରକ୍ଷା ଦେବା ଓ ଏକତା ବଜାୟ ରଖିବାକୁ ଜାତି ଏକତ୍ରିତ ହୁଅନ୍ତି। ସମାଜରେ ଜାତିର ପ୍ରଭାବ ଏକତା ଓ ସାମାଜିକ ବିକାଶ ପାଇଁ ଗଠିତ ବୋଲି ବୈଶ୍ୟ କରଣ ଜାତିର ସର୍ବପ୍ରଥମ ଅଧିବେଶନରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସାମନ୍ତରାପୁର ମା' ଭୂଆସୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଅଧିବେଶନରେ କିଶୋର ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ବରିଷ୍ଠ ଆଧ୍ୟାତ୍ମିକ ପ୍ରବଚକ ତଥା ସମାଜସେବୀ ସନ୍ତୋଷ ମହାନ୍ତି, ସାହିତ୍ୟିକ ତଥା ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ସମାଜସେବୀ ପ୍ରଦୀପ ମହାନ୍ତି, ପୁରୀ ନନ୍ଦିନୀ ମଠ କୁଳଗୁରୁ କିଶୋର ଚନ୍ଦ୍ର ଦାସ ମହାରାଜ ଗୋସ୍ୱାମୀ, ଶିବାନୀ ଦେବୀ, ସମାଜସେବୀ ସୁବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମହେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗୃହ ନିର୍ମାଣ ବିଭାଗର ତରବରିଆ

# ହାଇକୋର୍ଟଙ୍କ ରହିତାଦେଶ ପରେ ଦ୍ୱନ୍ଦ୍ୱରେ କ୍ରେତା-ବିକ୍ରେତା

ଭୁବନେଶ୍ୱର,୧୬।୨(ସମିସ): ୨୦୧୭ ପୂର୍ବରୁ ନିର୍ମାଣ ହୋଇଥିବା ଆପାର୍ଟମେଣ୍ଟଗୁଡ଼ିକୁ ପଞ୍ଜୀକରଣ ପାଇଁ ପ୍ରଥମେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଏବଂ ପରେ ରାଜସ୍ୱ ବିଭାଗ ଅନୁମତି ପ୍ରଦାନ କଲେ। ତରବରିଆ ଭାବେ ଏଭଳି ନିଷ୍ପତ୍ତି ନିଆଗଲା। ଯାହାଫଳରେ ଆଇନ୍‌ଗତ ଦିଗକୁ ଛାଡ଼ି ଦିଆଗଲା। ଏଣୁ କ୍ରେତାଙ୍କ ସ୍ୱାର୍ଥ ବିପଦ ଭିତରକୁ ଚାଲି ଆସିବା ନେଇ ବିଶେଷଜ୍ଞମାନେ କହିଛନ୍ତି। ଏଣୁ ଦୁଇ ବିଭାଗର ଏହି ନିଷ୍ପତ୍ତିକୁ ତୁରନ୍ତ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଗଲା। ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରି କରିଦେଲେ। ଯାହା ଫଳରେ ଏବେ ୨୦୧୭ ପୂର୍ବର ଆପାର୍ଟମେଣ୍ଟ ଆଉ ପଞ୍ଜୀକରଣ ହୋଇପାରିବ ନାହିଁ। ଏହାକୁ ନେଇ ଏବେ ଉଭୟ କ୍ରେତା ଏବଂ ବିକ୍ରେତା ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ଏହି ଆପାର୍ଟମେଣ୍ଟଗୁଡ଼ିକର ଅକ୍ୟୁପାନ୍ସି ସାର୍ଟିଫିକେଟ୍ ରହିବ କି ନାହିଁ ସେ ନେଇ ଏବେ ମାନସମନ୍ଥନ ଚାଲିଛି। କାରଣ ତରବରିଆ ଭାବେ କରାଯାଇଥିବା ନୋଟିଫିକେସନ୍‌ରେ ସେଭଳି କୌଣସି ଅନୁମତିର ବ୍ୟବସ୍ଥା ନ ଥିବା ନେଇ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ୨୦୧୭ ଫେବୃଆରୀ ୨୫ ପୂର୍ବରୁ ନିର୍ମାଣ ଶେଷ ହୋଇଥିବା ଆପାର୍ଟମେଣ୍ଟର ପଞ୍ଜୀକରଣ ହୋଇପାରିବ। ଏନେଇ ଫେବୃଆରୀ ୧ରେ ନଗର ଉନ୍ନୟନ ବିଭାଗ ଏକ ବିଜ୍ଞପ୍ତି ଜାରି କଲା। ଫେବୃଆରୀ ୩ରେ ରାଜସ୍ୱ ବିଭାଗ ମଧ ଏହାକୁ ଗ୍ରୀନ୍ ସିଗ୍‌ନାଲ୍ ଦେଲା। ଏନେଇ ସବ୍‌ରେଜିଷ୍ଟ୍ରରମାନେ ଦଲିଲ୍ ପଞ୍ଜୀକରଣରେ ଆଉ ମନା କରିପାରିବେ ନାହିଁ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ସବ୍‌ରେଜିଷ୍ଟ୍ରରମାନଙ୍କୁ ନିର୍ଦ୍ଦେଶ ଦିଆଗଲା। ଏସବୁ ସମ୍ପତ୍ତି ପାଇଁ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଆଇନ ୨୦୨୩ ଲାଗୁ ହେବ ନାହିଁ ବୋଲି କୁହାଗଲା। ହେଲେ ୧୯୮୨ ଏବଂ ୨୦୧୫ ଆଇନରେ ଉଲ୍ଲେଖ ରହିଛି, ଆପାର୍ଟମେଣ୍ଟ କିଣାବିକା ପାଇଁ ଅକ୍ୟୁପାନ୍ସି ଏବଂ କମ୍ପ୍ଲିସନ ପ୍ରମାଣପତ୍ର ଜରୁରୀ। ଏଣୁ ନୂଆ ବିଜ୍ଞପ୍ତିରେ ଥିବା ଦ୍ୱନ୍ଦ୍ୱ ଯୋଗୁଁ ରହିତାଦେଶ ଲାଗିଗଲା। ରେରା ଆଇନ ୨୦୧୭ ଆସିବା ପରେ ପୂର୍ବ ପ୍ରକଳ୍ପଗୁଡ଼ିକୁ ରେରା ଅଧୀନରେ ଆସିବ ବୋଲି ସ୍ପଷ୍ଟ କରାଯାଇଥିଲା। ୨୦୧୭ ପୂର୍ବରୁ ଶେଷ ହୋଇଥିବା ଆପାର୍ଟମେଣ୍ଟଗୁଡ଼ିକୁ ୧୯୮୨ ଏବଂ ୨୦୧୫ ଆଇନ ଅନୁଯାୟୀ ଆପାର୍ଟମେଣ୍ଟ କିଣାବିକା ପାଇଁ ଅକ୍ୟୁପାନ୍ସି ଏବଂ କମ୍ପ୍ଲିସନ ପ୍ରମାଣପତ୍ର ଜରୁରୀ। ହେଲେ ସରକାରଙ୍କ ଦ୍ୱାରା ହୋଇଥିବା ବିଜ୍ଞପ୍ତିରେ ସେସବୁର କିଛି ଉଲ୍ଲେଖ ନାହିଁ। ଏ ସମ୍ପର୍କରେ ସ୍ୱେଚ୍ଛାସେବୀ ବିମଳେନ୍ଦୁ ପ୍ରଧାନ କହିଛନ୍ତି, ଆପାର୍ଟମେଣ୍ଟ ମାଲିକାନା ଆଇନ ସବୁଥିରେ ଲାଗୁହେବ। ଏକ ବେଆଇନ ଆପାର୍ଟମେଣ୍ଟକୁ ପଞ୍ଜୀକରଣ କରିବା ସମ୍ଭବ ନୁହେଁ। କାରଣ ବିକ୍ରେତା ବିକ୍ରି କରି ଚାଲିଯିବେ। ହେଲେ କ୍ରେତା ହଇରାଣରେ ପଡ଼ିଯିବେ। କ୍ରେତା ଯେପରି ହଇରାଣ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉ।

# ଆଜିଠୁ ଉତ୍ତରପୁରୁଷର ୩ ଦିନିଆ ନାଟକ ପରିକ୍ରମା

ଭୁବନେଶ୍ୱର,୧୬।୨(ସମିସ): ସୋମବାରଠାରୁ ଆସନ୍ତା ୧୯ ତାରିଖ ଯାଏ ରବୀନ୍ଦ୍ର ମଣ୍ଡପରେ ଉତ୍ତରପୁରୁଷ ପକ୍ଷରୁ ୩ ଦିନ ଧରି ୩ଟି ନାଟକ ପରିବେଷଣ କରାଯିବ। ଏନେଇ ଉତ୍ତରପୁରୁଷ ପକ୍ଷରୁ ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରବିବାର ସୂଚନା ଦିଆଯାଇଛି। ଏହି ୩ଟି ନାଟକର ନିର୍ଦ୍ଦେଶନା ଦେଇଛନ୍ତି ସଂସ୍ଥାର ସଭାପତି ତଥା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ମିଶ୍ର। ପ୍ରଥମ ଦିନ ଜେବି ପ୍ରିଷ୍ଟଲୀଙ୍କ ପ୍ରସିଦ୍ଧ ଇଂରାଜୀ ନାଟକ 'ଆନ ଇନ୍ସପେକ୍ଟର କଲ୍ସ'ର ଓଡ଼ିଆ ଅନୁବାଦ ''ସାଗର ମନ୍ଥନ' ପରିବେଷଣ କରାଯିବ। ଦ୍ୱିତୀୟ ଦିନ ପଞ୍ଚାନନ ଉପାଖ୍ୟାନ। ତୃତୀୟ ବା ଶେଷ ଦିନ ମୌଳିକ ଓଡ଼ିଆ ନାଟକ 'ଉତ୍ତରଦାୟାଦ' ପରିବେଷଣ ହେବ। ଏଥିସହିତ ଅବସରପ୍ରାପ୍ତ ଆଇଏଏସ୍ ତଥା କବି ଓ ସୁଲେଖକ ଦୁର୍ଗାଚରଣ ସାହୁଙ୍କ 'ଦୀକ୍ଷିତ ଦର୍ଶକ ସମ୍ମାନ', ବିଶିଷ୍ଟ ମଞ୍ଚଶିଳ୍ପୀ ବଂଶୀଧର ମହାରଣାଙ୍କୁ 'ଗୌରିଶ୍ୟାମ ମହାପାତ୍ର ସମ୍ମାନ', ବିଶିଷ୍ଟ ନାଟ୍ୟଗୁରୁ, ନିର୍ଦ୍ଦେଶକ ତଥା ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସଙ୍କୁ 'ଅସୀମ ବସୁ ସମ୍ମାନ', ବିଶିଷ୍ଟ ନିର୍ଦ୍ଦେଶକ ହରେନ୍ ସାହୁଙ୍କୁ 'ଉତ୍ତରପୁରୁଷ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ଡ. ପ୍ରସନ୍ନ କୁମାର ମିଶ୍ର, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଦେବଦତ୍ତ ପତି, ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ହରି ପଟ୍ଟନାୟକ, ଚକ୍ରଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।





## ମୁଣ୍ଡ ଉପରୁ ଭାଙ୍ଗିଗଲା ଛାତ

# ଏବେ ରାସ୍ତାକଡ଼ ଭରସା

ଭୁବନେଶ୍ୱର,୧୬।୨(ସମିସ):

ଜୀବନର ଚକ ସହ ତାଳ ଦେଇ ମେସିନ୍‌ର ଚକ ବୁଲିଚାଲିଛି। ଦିନେ ଦୋକାନଟିଏ କରି ପରିବାର ପ୍ରତିପୋଷଣ ପାଇଁ ମେସିନ୍ ଚଳାଉଥିଲେ। କିନ୍ତୁ ସମୟ ତାଙ୍କ ମୁଣ୍ଡ ଉପରୁ ଛାତ ଭାଙ୍ଗିଦେଇଥିବାବେଳେ ଏବେ ସେ ରାସ୍ତାକଡ଼ ଖୋଲା ଆକାଶ ତଳେ ମେସିନ୍ ପକାଇ ସିଲେଇ କରି କିଛି ଅର୍ଥ ରୋଜଗାର କରୁଛନ୍ତି। ଠାକୁରଙ୍କ ବାନା ବା ପତାକା, ଚାନ୍ଦୁଆ ଆଦି ତିଆରି କରି ବିକ୍ରିବଟା କରୁଛନ୍ତି।

ପୁରୁଣା ଭୁବନେଶ୍ୱରର ଅନେକ ଲୋକ ଲିଙ୍ଗରାଜ ମନ୍ଦିର ପାଖରେ ବିକ୍ରିବଟା କରି ପରିବାର ଚଳାନ୍ତି। ଏହି ଲୋକଙ୍କ ମଧ୍ୟରୁ ରାଜୀବ କୁମାର ମହାରଣା ହେଉଛନ୍ତି ଅନ୍ୟତମ। ପରିବାର ଚଳେଇବା ପାଇଁ ସେ ପ୍ରତ୍ୟହ ରାସ୍ତାକଡ଼ରେ ଖୋଲା ଆକାଶ ତଳେ ମେସିନ୍ ପକାଇ ବାନା, ଚାନ୍ଦୁଆ, ପତାକା ଆଦି ସିଲେଇ କରି ବିକ୍ରି କରୁଛନ୍ତି। ହାତେରୁ ନେଇ ଏକୋଇଶି ହାତ ପର୍ଯ୍ୟନ୍ତ ବାନା ତିଆରି କରିଥା'ନ୍ତି। ଲିଙ୍ଗରାଜଙ୍କୁ ବାନା ଲାଗି ହେବା ସହ ରାଜ୍ୟର ଅନ୍ୟ ସହରକୁ ମଧ ସେ ବାନା ତିଆରି କରି ପଠାଉଛନ୍ତି। ବିଶେଷ କରି ନୟାଗଡ଼, ଢେଙ୍କାନାଳ, ପୁରୀ, ସମ୍ବଲପୁର ଆଦି ସ୍ଥାନକୁ ବାନା, ଚାନ୍ଦୁଆ ତିଆରି କରି ପଠାଉଛନ୍ତି। ସୂତା, ଲେସ୍, କଟନ କପଡ଼ା, ଟେରିକଟନ୍ କପଡ଼ା ସବୁ ପିପିଲି, କଟକରୁ ଆଣିଥା'ନ୍ତି। ଗୋଟେ ବଡ଼ ବାନା ତିଆରି କରିବା ପାଇଁ ଦେଢ଼ ଘଣ୍ଟା ସମୟ ଲାଗୁଥିବାବେଳେ ଛୋଟ ବାନା ତିଆରି କରିବା ପାଇଁ ୪୫ ମିନିଟ୍‌ରୁ ଦେଢ଼ଘଣ୍ଟା ଲାଗୁଛି। ଛୋଟ ବାନା, ପତାକା, ଚାନ୍ଦୁଆ ଆଦିର ଦର ୧୦୦ରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଏନେଇ ରାଜୀବ କୁହନ୍ତି, ଆଗରୁ ଦୋକାନ ଥିଲା। ଭଲ ରୋଜଗାର ମଧ ହେଉଥିଲା। ହେଲେ ପରିକ୍ରମା ପ୍ରକଳ୍ପ ପାଇଁ ଦୋକାନ ଭାଙ୍ଗିଗଲା। ଫଳରେ ଏହି ସ୍ଥାନରେ ବସି ସିଲେଇ କରୁଛି। ସମସ୍ତେ ଦୋକାନ କଥା ଜାଣିଛନ୍ତି। ବାହାରୁ ଆସୁଥିବା ଭକ୍ତମାନେ ମଧ ବାନା ତିଆରି କରିବା ପାଇଁ ଅର୍ଡର ଦିଅନ୍ତି। ବାନା ତିଆରି କରିବା ପାଇଁ ହେଉ କି ନେବା ପାଇଁ ଏହି ସ୍ଥାନକୁ ଆସୁଥିବାରୁ ଆଉ କୋଉଠି ଯାଇ କାମ କରି ହେଉନାହିଁ। ଏହା ଏକ ପ୍ରକାରର ମହାପ୍ରଭୁଙ୍କ ସେବା ବୋଲି ସେ କୁହନ୍ତି। ଆହୁରି ମଧ କହିଛନ୍ତି, ସବୁଦିନ ୧୦ରୁ ୧୫ଟି ଛୋଟ ବଡ଼ ବାନା ସିଲେଇ କରିବାକୁ ପଡୁଛି। ସିଲେଇ କାମ ସରିବା ପରେ ବିକ୍ରି ହୋଇଥାଏ। ଯାହା ଯେତିକି ରୋଜଗାର ହୁଏ, ସେତିକିରେ ମହାପ୍ରଭୁଙ୍କୁ ଡାକି ଚଳିଯାଏ ବୋଲି ସେ କହିଛନ୍ତି।

**ପତାକା, ଚାନ୍ଦୁଆ ତିଆରି କଲେ ଚଳୁଛି ପରିବାର**



# କଳ୍ପନାରୁ ରବି ଟକିଜ୍ ନିର୍ମାଣ ହେବ ଫ୍ଲାଏଓଭର୍

ଭୁବନେଶ୍ୱର,୧୬।୨(ସମିସ):



ଦିନକୁ ଦିନ ରାଜଧାନୀର ଜନସଂଖ୍ୟା ବୃଦ୍ଧି ପାଉଛି। ସେହି ଅନୁପାତରେ ଗାଡ଼ିମୋଟର ମଧ୍ୟ ବଢୁଛି। କିନ୍ତୁ ସେହି ତୁଳନାରେ ସହର ଭିତର ରାସ୍ତା ଚଉଡ଼ା ହେଉନାହିଁ। ରାସ୍ତା ପ୍ରଶସ୍ତୀକରଣ ନେଇ ଯେଉଁ ସବୁ ଯୋଜନା ହେଉଛି, ତାହା କାର୍ଯ୍ୟକାରୀ ହେବାକୁ ବହୁ ସମୟ ଲାଗିବ। ତେଣୁ ବର୍ତ୍ତମାନ ପରିସ୍ଥିତିରେ

## ତଥାପି ଭିଡ଼ କମିବା ସମ୍ଭାବନା କ୍ଷୀଣ

## ବଦଳୁନି ପୁରୀ ବସ୍ ରୁଟ୍; ହଟୁନି ବେଆଇନ ପାର୍କିଂ

ଟ୍ରାଫିକ୍ ସମସ୍ୟା କିଭଳି ସମାଧାନ ହେବ ତା' ଉପରେ ସରକାର ବିଧିବଦ୍ଧ ନିଷ୍ପତ୍ତି ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ବିଶେଷକରି କଟକ ରୋଡ୍ ଅଧିକାଂଶ ସମୟରେ ଜାମ୍ ହେଉଛି। ସକାଳ ହେଉ କି ସନ୍ଧ୍ୟା ସବୁବେଳେ ଏହି ରାସ୍ତାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଛି। କଳ୍ପନା ଛକରେ ନିକଟରେ କୋର୍ଟ କାର୍ଯ୍ୟାଳୟ, ମ୍ୟୁଜିୟମ୍ ଓ ବିଜେବି କଲେଜ ଭଳି ଏକାଧିକ ପ୍ରତିଷ୍ଠାନ ରହିଥିବାରୁ କଳ୍ପନାରୁ ରବି ଟକିଜ୍ ପର୍ଯ୍ୟନ୍ତ ଭୀଷଣ ଜାମ୍ ହେଉଛି। ତେଣୁ ଏଠାରେ ଖୁବ୍‌ଶୀଘ୍ର ଫ୍ଲାଏଓଭର୍ ନିର୍ମାଣ ହେବା ନେଇ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। କେବଳ ଫ୍ଲାଏଓଭର୍ ହେଲେ ସମସ୍ୟାର ସମାଧାନ ହୋଇପାରିବନି ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଥିପାଇଁ ସରକାର ରସୁଲଗଡ଼ରୁ ଉତ୍ତରା ଛକ ପର୍ଯ୍ୟନ୍ତ ବଡ଼ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କୁହାଯାଉଛି।

କଟକ ରୋଡ୍‌ରୁ ଭିଡ଼ କମାଇବାକୁ ସରକାରୀସ୍ତରରେ ପୂର୍ବରୁ ବହୁ ଯୋଜନା କରାଯାଇଛି। ସହର ମଧ୍ୟରୁ ଭିଡ଼ କମାଇବାକୁ ପୁରୀ ବାଇପାସ୍ କରାଯାଇଛି। ହେଲେ ପୂର୍ବପରି ପୁରୀ ବସ୍‌ଗୁଡ଼ିକ ବାଇପାସ୍‌ରେ ନ ଯାଇ ସହର ଭିତରେ କଟକ ରୋଡ୍ ଦେଇ ଚଳାଚଳ କରୁଛନ୍ତି। ଏଥିସହିତ ବିଭିନ୍ନ ସ୍ଥାନରୁ ୟୁ-ଟର୍ଣ୍ଣ ହଟାଇ ଆଗପଛ କରି ଯିବା ସହିତ ଛକ ଜାଗାଗୁଡ଼ିକରେ ଟ୍ରାଫିକ୍ ପୁଲିସ ନିୟୋଜିତ କରାଯିବା ପରେ ମଧ୍ୟ ଏହି ରାସ୍ତାରୁ ଜାମ୍ କମ୍ କରାଯାଇପାରୁ ନାହିଁ। ବିଶେଷକରି ରାସ୍ତାକଡ଼ରେ ବେଆଇନ ପାର୍କିଂ ପାଇଁ ଏହି ରାସ୍ତା ଜାମ୍ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ବସ୍‌ଗୁଡ଼ିକ କେବଳ ବାଇପାସ୍‌ରେ ଯିବାକୁ ଅନୁମତି ଦିଆଯିବାକୁ ଦାବି ହେଉଛି। ନଚେତ୍ ରାସ୍ତା ପାଇଁ ଯାହା ଯୋଜନା କଲେ ମଧ୍ୟ କିଛି ବି କାମରେ ଲାଗିବନି। ସେହିଭଳି ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ସମ୍ମୁଖରେ ହେଉଥିବା ବେଆଇନ ପାର୍କିଂ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ। ଗାଡ଼ି ରଖୁଥିବା ଲୋକ ଓ ସମ୍ପୃକ୍ତ ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ ଯାଇ ଏ ଅବସ୍ଥାରେ ସୁଧାର ଆସିବ ବୋଲି କୁହାଯାଉଛି।

ସୂଚନାଥାଉ କି, କଟକ ରୋଡ୍ ରାଜଧାନୀର ଅନ୍ୟ ରାସ୍ତା ଅପେକ୍ଷା ସାମାନ୍ୟ ଅଣଓସାରିଆ। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ବଡ଼ ବଡ଼ ଦୋକାନ, ସପିଙ୍ଗ୍ ମଲ୍ ରହିଛି। ଷ୍ଟେସନଠାରୁ ଆରମ୍ଭ କରି ପୁରୀକୁ ଯାଉଥିବା ବସ୍ ଏହି ରାସ୍ତା ଦେଇ ଯାଇଥାଏ। ତେଣୁ ଦୋକାନମାନଙ୍କରେ ପାର୍କିଂ ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ଲୋକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରିଥା'ନ୍ତି। ସେହିପରି କଟକ, ଭୁବନେଶ୍ୱରରୁ ପୁରୀ ତଥା ପୁରୀରୁ କଟକ, ଭୁବନେଶ୍ୱରକୁ ଚଳାଚଳ କରୁଥିବା ବସ୍‌ଗୁଡ଼ିକ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ବସ୍‌ଷ୍ଟପ ନ ଥିଲେ ମଧ୍ୟ ରାସ୍ତା ମଝିରେ ଗାଡ଼ି ରଖି ବସ୍‌ଗୁଡ଼ିକ ଯାତ୍ରୀ ଉଠାଉଛନ୍ତି। ତେଣୁ ଏହି ରାସ୍ତା ସବୁବେଳେ ଜାମ୍ ରହିଥାଏ। ଏ ନେଇ କଳ୍ପନା ଅଞ୍ଚଳର ହୀମାଦ୍ରି ପାଣିଗ୍ରାହୀ କହିଛନ୍ତି, ସେ ପ୍ରତିଦିନ ଏହି ରାସ୍ତାରେ ଯିବାଆସିବା କରନ୍ତି। ପ୍ରତିଦିନ ଏହି ରାସ୍ତାରେ ଜାମ୍ ରୁହେ। ଛୁଟି ଦିନରେ ସନ୍ଧ୍ୟା ସମୟରେ ରାସ୍ତା ଏତେ ଜାମ୍ ରହେ ଯେ ମାତ୍ର ୩ କି.ମି. ଯିବାକୁ ୪୦ ମିନିଟ୍‌ରୁ ଅଧିକ ସମୟ ଲାଗିଥାଏ। ଦିନତମାମ ବସ୍‌ଗୁଡ଼ିକ ରାସ୍ତା ଉପରେ ରଖି ଯାତ୍ରୀ ଉଠାଉଛନ୍ତି। ପ୍ରବଳ ଖରାକୁ ସାଙ୍ଗକୁ ଟ୍ରାଫିକ୍ ଜାମ୍ ଆମ ଦୁଇଚକିଆ ଚାଳକମାନଙ୍କ ଜୀବନ ଅସ୍ତବ୍ୟସ୍ତ କରି ଦେଉଛି।

## ଫେଶନ ଟ୍ରେଣ୍ଡିଂ

# ବ୍ଲାକ୍ ମେଟାଲ ଅଳଙ୍କାରର ଆଦର



ସମସ୍ତଙ୍କର ସୁନା, ରୁପା, ହୀରା ଅଳଙ୍କାର ପ୍ରତି ଲୋଭ ରହିଛି। ବିଶେଷକରି ମହିଳା ହଅନ୍ତୁ କି ଯୁବତୀ କଳା ରଙ୍ଗର ଅଳଙ୍କାର ପ୍ରତି ଅକର୍ଷିତ ହେଉଛନ୍ତି। ଶାଢ଼ି, ଚୁଡ଼ିଦାର, ଜିନ୍ସ ଆଦିରେ ଏହି ବ୍ଲାକ୍ ମେଟାଲ ଅଳଙ୍କାର ବ୍ୟବହାର କରୁଛନ୍ତି। ରାଜଧାନୀରେ ମଧ୍ୟ ଏହି ବ୍ଲାକ୍ ମେଟାଲ ଅଳଙ୍କାରର ଆଦର ବଢୁଛି। କଲେଜ ଛାତ୍ରୀଙ୍କଠାରୁ ଆରମ୍ଭ କରି କର୍ମଜୀବୀ ମହିଳା ଓ ଗୃହିଣୀମାନେ ମଧ୍ୟ ପସନ୍ଦ କରୁଛନ୍ତି। ବିଭିନ୍ନ ପାର୍ଟି, ଉତ୍ସବ, ବିବାହ, ବ୍ରତ ଆଦି କାର୍ଯ୍ୟକ୍ରମରେ ମହିଳା ହୁଅନ୍ତୁ କି ଯୁବତୀ ଏହି ଅଳଙ୍କାରକୁ ବ୍ୟବହାର କରୁଛନ୍ତି।



ୟୁନିଟ୍ ୨ ମାର୍କେଟ୍‌ର ଥିବା ବିଭିନ୍ନ ଚୂଡ଼ି ଦୋକାନ ହେଉ କି ଷ୍ଟେସ୍‌ନାରୀ ଦୋକାନମାନଙ୍କରେ ଏହି ବ୍ଲାକ୍ ମେଟାଲ ଅଳଙ୍କାରର ଏବେ ଆଦର ବଢୁଛି। ଏନେଇ ଦୋକାନୀ ବୈଷ୍ଣବ ସାଗର କୁହନ୍ତି, ସୁନା ପରି ଦେଖାଯାଉଥିବା ଅଳଙ୍କାରକୁ ସମସ୍ତେ ଆଗରୁ ବ୍ୟବହାର କରୁଥିଲେ। ହେଲେ ଏବେ ୱାନ୍ ଗ୍ରାମ୍ ଗୋଲ୍ଡ ଆସିବାରୁ ଏହାର ଦାମ୍ ଟିକେ ଅଧିକ ରହିଛି। ଯାହା ଫଳରେ ଅନେକ ମହିଳା ଏହାକୁ ବ୍ୟବହାର କରିବାକୁ ପସନ୍ଦ କରୁନାହାନ୍ତି। ଏଥିସହିତ ସୁନା ଭାବି ରାସ୍ତାରୁ ବେକରୁ ଝାମ୍ପି ନେବା ଫଳରେ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏଥିପାଇଁ ଏବେ ବ୍ଲାକ୍ ମେଟାଲ ଅଳଙ୍କାରକୁ ସମସ୍ତେ ବ୍ୟବହାର କରୁଛନ୍ତି। ଏହି ମେଟାଲ୍‌ର ଦାମ୍ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୧୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ବିଭିନ୍ନ ପ୍ରକାରର କାନଫୁଲ, ଅଳଙ୍କାର, ମୁଦି, ଚୂଡ଼ି ଆଦି ରହୁଚି ବୋଲି କହିଛନ୍ତି। ଆହୁରି ମଧ୍ୟ କହିଛନ୍ତି, ଏହି ସବୁ କୋଲକାତା, ରାଜସ୍ଥାନରୁ ଆସୁଛି। ଏଥିସହିତ ଏହି ବ୍ଲାକ୍ ମେଟାଲ ଅଳଙ୍କାରରେ ମୟୂର ଚିତ୍ର ମଧ୍ୟ ରହୁଛି। ଯାହା ସବୁଠାରୁ ବେଶି ଆକର୍ଷଣରେ ରହିଛି ବୋଲି କହିଛନ୍ତି। ସୁମିତ୍ରା ଗୋଚ୍ଛାୟତ ନାମକ ଜଣେ ମହିଳା କୁହନ୍ତି, ଏହି ବ୍ଲାକ୍ ମେଟାଲ ଅଳଙ୍କାରକୁ ସମ୍ବଲପୁରୀ ଶାଢ଼ି ସହିତ ବ୍ୟବହାର କଲେ ବହୁତ ଭଲ ଲାଗିଥାଏ। କଲେଜରେ ପୂଜା କି ଅନ୍ୟ କିଛି ପ୍ରୋଗ୍ରାମ ହେଲେ ଏକାବେଳେ ସମସ୍ତେ ପିନ୍ଧିଥାଉ। ଏବେ ବି କିଛି କିଛି କାର୍ଯ୍ୟକ୍ରମକୁ ଗଲେ ଏହି ଅଳଙ୍କାରକୁ ବ୍ୟବହାର କରୁଛି। ଅଫ୍‌ଲାଇନ୍ ଅପେକ୍ଷା ଅନ୍‌ଲାଇନ୍‌ରେ ଏହାକୁ କିଣିଲେ ଟିକେ କମ୍ ଟଙ୍କା ପଡୁଛି ବୋଲି ସେ କହିଛନ୍ତି।

# 'ରୁଦ୍ରାକ୍ଷ ଫାଉଣ୍ଡେସନ୍' ପକ୍ଷରୁ ୭ମ ବର୍ଣ୍ଣାଳୀ ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୧୬।୨(ସମିସ): ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ 'ରୁଦ୍ରାକ୍ଷ ଫାଉଣ୍ଡେସନ' ପକ୍ଷରୁ ଦୁଇଦିନ ଧରି ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର' ପରିସର ଉତ୍କଳ ରଙ୍ଗମଞ୍ଚ ପ୍ରେକ୍ଷାଳୟରେ ସପ୍ତମ ସଙ୍ଗୀତ ଓ ନୃତ୍ୟ ଉତ୍ସବ 'ବର୍ଣ୍ଣାଳୀ-୨୦୨୫' ଉଦ୍‌ଯାପିତ ହୋଇଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମହୋତ୍ସବରେ ପ୍ରଥମ ଦିନ ଅତିଥି ଭାବେ କଳିଙ୍ଗ ହସ୍ପିଟାଲର ଅଧ୍ୟକ୍ଷ ଡା. ଶୀତକଣ୍ଠ ଦାଶ, ସିସିଟିଏର ପ୍ରତିଷ୍ଠାତା ଏବଂ ପରିଚାଳନା ନିର୍ଦ୍ଦେଶକ ରାମପ୍ରସାଦ ଆଜିସେଟି, ନୃତ୍ୟାଙ୍ଗନା ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଓଡ଼ିଶୀ ନୃତ୍ୟ ବିଭାଗର ପ୍ରାକ୍ତନ ମୁଖ୍ୟ ଅଧ୍ୟାପିକା ଏବଂ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିକାଶ ବିଭାଗର ପ୍ରାକ୍ତନ ଉପଦେଷ୍ଟା ତଥା ସମାଜସେବୀ ସୁମିତ୍ରା ଜେନା ପ୍ରମୁଖ ଯୋଗଦେଇ ରୁଦ୍ରାକ୍ଷ ଫାଇଣ୍ଡେସନ୍ ନୃତ୍ୟ ଶିଳ୍ପୀମାନଙ୍କୁ ଉତ୍ସାହିତ କରାଇବାରେ ପ୍ରେରଣାର ଉତ୍ସ ହୋଇଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହ୍ଲାର, ଏକକ ଓଡ଼ିଶୀ ନୃତ୍ୟ, ଗୀତଗୋବିନ୍ଦ, ଭାରତନାଟ୍ୟମ୍ (ଦଶମହାବିଦ୍ୟା) ପରିବେଷଣ କରାଯାଇଥିବାବେଳେ ରୁଦ୍ରାକ୍ଷ ଫାଉଣ୍ଡେସନ୍ ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ ''ଶାକ୍ୟ ମୁନି ବୁଦ୍ଧ' ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଦିବସରେ ରୁଦ୍ରାକ୍ଷ ଫାଉଣ୍ଡେସନର ୧୬ ଜଣ ବରିଷ୍ଠ ନୃତ୍ୟଶିଳ୍ପୀଙ୍କ ଦ୍ୱାରା 'ସମୁଦ୍ର ମନ୍ଥନ' ପରିବେଷିତ ହୋଇଥିଲା।

# ମାର୍ଚ୍ଚ ୧୯ରୁ ବାଲକାଟି ପଞ୍ଚୁଦୋଳ ମେଳଣ

ବାଲିଅନ୍ତା,୧୬।୨(ସମିସ): ବାଲିଅନ୍ତା ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ବାଲକାଟି ପଞ୍ଚୁଦୋଳ ମେଳଣ ପାଇଁ ରବିବାର ଅପରାହ୍ଣରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତାପ ଶାସନ ସରପଞ୍ଚ ରୀନାରାଣୀ ବେହେରା ଅଧ୍ୟକ୍ଷତା କରିଥିଲେ। ସମିତିସଭ୍ୟ ଗଙ୍ଗାଧର ମାହାରି ପୂର୍ବ ବିବରିଣୀ ପଠନ କରି କିଛି ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ନେଇ ସବୁ ୱାର୍ଡବାସୀଙ୍କ ମତାମତ ଲୋଡ଼ିଥିଲେ। ସେହିପରି ପବିତ୍ର ମୋହନ ବେହେରା ମେଳଣ ଉତ୍ସବଙ୍କୁ ଅଧିକ ଆକର୍ଷଣୀୟ କରିବା ନେଇ ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁରବି ସମୂହ ମଧ୍ୟ ନିଜ ନିଜର ପ୍ରସ୍ତାବ ଏବଂ ମତାମତ ବୈଠକରେ ଉପସ୍ଥାପିତ କରିଥିଲେ।

# ବିଜ୍ଞାନ ଜଗତର ମୂଳ ଆଧାର ବେଦ ଓ ବେଦାନ୍ତ

ଭୁବନେଶ୍ୱର,୧୬।୨(ସମିସ): ରାଜଧାନୀ ମହାବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ "ବେଦାନ୍ତ ଓ ବିଜ୍ଞାନ' ଶୀର୍ଷକ ଏକ ବିଶିଷ୍ଟ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ବକ୍ତା ଭାବେ ଜବାହରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟର ସଂସ୍କୃତ ଏବଂ ପ୍ରାଚ୍ୟ ବିଦ୍ୟା ଅଧ୍ୟୟନ ସଂସ୍ଥାନର ପ୍ରଫେସର ଡ. ରାମନାଥ ଝା ଯୋଗଦେଇ ସମସ୍ତ ବିଜ୍ଞାନ ଜଗତର ମୂଳ ଆଧାର ବେଦ ଓ ବେଦାନ୍ତରେ ନିହିତ ଅଛି ବୋଲି କହିଥିଲେ। ଏଥିସହିତ କ୍ୱାଣ୍ଟମ୍ ଫିଜିକ୍ସ, ରିଲେଟିଭିଟି ଓରି, ଡିପ୍ ଇକୋଲୋଜି, ଜେନେଟିକ୍ସ ପ୍ରଭୃତି ବୈଜ୍ଞାନିକ ସିଦ୍ଧାନ୍ତର ପ୍ରବର୍ତ୍ତକମାନେ କିପରି ବେଦାନ୍ତ ଏବଂ ଗୀତାର ଆଶ୍ରୟ ନେଇ ନିଜର ମତକୁ ପରିପୁଷ୍ଟ ଓ ବ୍ୟାପକ କରିଛନ୍ତି, ପ୍ରାଚ୍ୟ ବିଦ୍ୟାର ଐକ୍ୟଭାବନାମୂଳକ ଏକ ବ୍ରହ୍ମ ଚେତନାର ଜଡ଼-ଚେତନ ଜଗତର ପରିପ୍ରକାଶ ଏବଂ ପାଶ୍ଚାତ୍ୟ ଜ୍ଞାନର ବିଭେଦମୂଳକ ବିଚାର ଭିତ୍ତି ମଧ୍ୟରେ ଯୁକ୍ତିଯୁକ୍ତ ପାର୍ଥକ୍ୟ ଦର୍ଶାଇଥିଲେ। ପୁନଶ୍ଚ ପାଶ୍ଚାତ୍ୟର ପ୍ରଭାବରେ ଭାରତୀୟ ସଂସ୍କୃତିର ଅବକ୍ଷୟ ବର୍ତ୍ତମାନ ପର୍ଯ୍ୟନ୍ତ କିଭଳି ଘଟିଛି ତଥା ସଂସ୍କୃତ ଶାସ୍ତ୍ରର ଅଧ୍ୟୟନ ବଳରେ ଆମେ କିପରି ନିଜର ଗୌରବମୟ ପ୍ରାଚ୍ୟ ସଂସ୍କୃତିକୁ ରକ୍ଷା କରିପାରିବା ସେ ବିଷୟରେ ଚର୍ଚ୍ଚା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ସୁରେଶ୍ୱର ମେହେର ସ୍ୱାଗତଭାଷଣ ଦେଇଥିଲେ। ବିଭାଗର ପ୍ରାଧ୍ୟାପକ ଡ. ବିଭୂତିଭୂଷଣ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପକ ଶ୍ରୀଧର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ବିଭାଗର ଅନ୍ୟ ଅଧ୍ୟାପିକା ଶକୁନ୍ତଳା ସ୍ୱାଇଁ, ସୋନିକା ଶତପଥୀ ଓ ଶ୍ରାବଣୀ ମହାରଣା କାର୍ଯ୍ୟକ୍ରମରେ ବିଶେଷ ଭାବେ ସହଯୋଗ କରିଥିଲେ। ଏହି ସଭାରେ ସଂସ୍କୃତ ବିଭାଗର ଛାତ୍ରଛାତ୍ରୀ ସମେତ ଅନ୍ୟ ବିଭାଗମାନଙ୍କରୁ ଶତାଧିକ ଛାତ୍ରଛାତ୍ରୀ, ପ୍ରାଧ୍ୟାପକ, ଅଧ୍ୟାପକ ଯୋଗଦେଇଥିଲେ।

# ସଶକ୍ତ ଓଡ଼ିଶା ପକ୍ଷରୁ ମହିଳା ସଚେତନତା



ଭୁବନେଶ୍ୱର,୧୬।୨(ସମିସ): ସାମାଜିକ ଅନୁଷ୍ଠାନ ସଶକ୍ତ ଓଡ଼ିଶା ପକ୍ଷରୁ ସ୍ଥାନୀୟ ସିଆର୍‌ପି କାର୍ଯ୍ୟାଳୟଠାରେ ମହିଳା ସଶକ୍ତୀକରଣ ଅଭିଯାନ ମାଧ୍ୟମରେ ଅସହାୟ, ଅଭାବୀ ବ୍ୟକ୍ତିବିଶେଷ କିପରି ସରକାରଙ୍କ ବିକାଶଧାରାରେ ସାମିଲ ହୋଇପାରିବେ, ତାହାର ବ୍ୟାପକ ପ୍ରଚାରପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ବିଜୟ ପ୍ରଧାନଙ୍କ ସଂଯୋଜନାରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥି, ସମ୍ମାନିତ ଅତିଥି ଭାଷାବିତ୍ ନବ କିଶୋର ପ୍ରଧାନ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ମହିଳା ଯୋଜନା ସହିତ ୧ଲକ୍ଷ ଟଙ୍କା ସୁଧମୁକ୍ତ ଋଣ ଯୋଜନାରେ କିପରି ସାଧାରଣ ବ୍ୟକ୍ତି, ଅସହାୟ ଉପକୃତ ହୋଇପାରିବେ ତାହା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସରକାରଙ୍କ ସହିତ ସାମାଜିକ ସଂଗଠକ ଆଗେଇ ଆସିଲେ ବିକାଶର ଧାରା ପ୍ରବାହିତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୨୭ଟି ଜିଲ୍ଲାରୁ ମହିଳା, ସାମାଜିକ ସଂଗଠନ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଆଗେଇ ନେବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

# ୪୮ତମ ସଂକୀର୍ତ୍ତନ ମହୋତ୍ସବ



ଯାଁଳା,୧୬।୨(ସମିସ): ମା' ବାଣକୁମାରୀ ସଂକୀର୍ତ୍ତନ ମଣ୍ଡଳୀ ଆନୁକୁଲ୍ୟରେ ଶ୍ରୀଶ୍ରୀ ରଘୁନାଥଦେବଙ୍କ ପୀଠରେ ଶ୍ରୀଶ୍ରୀ ଭଗବତ ବାସୁଦେବଙ୍କ ୪୮ତମ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ଟି ଗ୍ରାମର (ବରମୁଣ୍ଡା, ଯାଁଳା, ମୁଣ୍ଡମୁହାଣ, ଅନ୍ଧାରୁଆ, ଭୋଳା ପାଣିଓରା, ପିତାପଲ୍ଲୀ, ଗିରିଙ୍ଗାପୁଟ, ପଳାଶପୁର, ଶିମୂଳୀପାଟଣା, ଚନ୍ଦକା) ଓଡ଼ିଶୀ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ ସଂକୀର୍ତ୍ତନ ମହୋତ୍ସବରେ କେଦାର ଚନ୍ଦ୍ର ସାହୁ, ମୁରଲୀଧର ବେହେରା, କୈଳାସ ସୁବୁଦ୍ଧି, ପ୍ରଦୀପ୍ତ ମହାପାତ୍ର ଏବଂ ଗ୍ରାମର ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘ ଓଡ଼ିଶାର ପୂର୍ବତନ ସମ୍ପାଦକ ସଂକୀର୍ତ୍ତନ ମହାରଥି ଦିବଂଗତ ମଦନ ମୋହନ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର (ଗ୍ରାମଡିହ)ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶେଷରେ କଳାକାରମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁଷ୍ଠାନ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ମିଶନାରୀ ଅଫ୍ ଚ୍ୟାରିଟିକୁ ଆମ୍ବୁଲାନ୍ସ ପ୍ରଦାନ



ଭୁବନେଶ୍ୱର,୧୬।୨(ସମିସ): ସମ୍ବଲପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରଶାସନିକ କାର୍ଯ୍ୟାଳୟ ତରଫରୁ ନେକ୍ସଟ୍ ଲିପ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ପୋରେଟ୍ ସେଣ୍ଟର ମୁମ୍ବାଇର ପରିଚାଳନା ନିର୍ଦ୍ଦେଶକ ରାମ ମୋହନ ରାଓ ଆମରା ଯୋଗଦେଇଥିଲେ। ଏହି ଅବସରରେ ସେ ନିରାଶ୍ରୟ ଗରିବ, ଅସୁସ୍ଥ, ପରିତ୍ୟକ୍ତ, ବୃଦ୍ଧ ଓ କୁଷ୍ଠ ରୋଗୀଙ୍କ ସୁବିଧା ପାଇଁ ମିଶନାରୀ ଅଫ୍ ଚ୍ୟାରିଟି ସମ୍ବଲପୁର ନାମକ ସ୍ୱେଚ୍ଛାସେବୀ ସଂଗଠନକୁ ୧୧ଟି ସିଟ୍ ବିଶିଷ୍ଟ ଆମ୍ବୁଲାନ୍ସ ଦାନ କରିଥିଲେ। ଏହି ସଂସ୍ଥା ତରଫରୁ ସମ୍ବଲପୁର କେନ୍ଦ୍ରର ସଚିବ ସିଷ୍ଟର ଏମ୍ ଷ୍ଟାନି ରୋଜ୍ ମ୍ୟାକ୍ ସେମାନଙ୍କ ସହଯୋଗୀଙ୍କ ସହ ଆମ୍ବୁଲାନ୍ସ ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ସଂଗଠନ ମିଶନାରୀ ଅଫ୍ ଚ୍ୟାରିଟି ସେଣ୍ଟ ମଦର ଟେରେସାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସମଗ୍ର ଭାରତରେ ଏହି କେନ୍ଦ୍ରଗୁଡ଼ିକ ଜରିଆରେ ଅସହାୟ ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପରୁଥି, ମହାପ୍ରବନ୍ଧକ (ନେଟ୍‌ୱର୍କ-୨) କୌଶଲ କିଶୋର ସିଂ, ସମ୍ବଲପୁର ଅଞ୍ଚଳ ଉପମହାପ୍ରବନ୍ଧକ ସଞ୍ଜୟ ଝାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ବେସରକାରୀ ଓ ଅଣଅନୁଦାନପ୍ରାପ୍ତ କଲେଜ ସଂଘର ବୈଠକ

# ୨୦ରେ ବିଧାନସଭା ଘେରାଉ ଚେତାବନୀ

ଭୁବନେଶ୍ୱର,୧୬।୨(ସମିସ):



ବେସରକାରୀ ଓ ଅଣଅନୁଦାନପ୍ରାପ୍ତ +୨ ଓ +୩ ତଥା ସଂସ୍କୃତ କଲେଜରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କୁ ମିଳୁନି ସରକାରୀ ଅନୁଦାନ। ଏଥିପାଇଁ ସଂଘ ପକ୍ଷରୁ ଦୀର୍ଘ ଦିନରୁ ଆନ୍ଦୋଳନ କରାଯାଉଛି। ହେଲେ କୌଣସି ପଦକ୍ଷେପ ନେଉନାହାନ୍ତି ସରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମ୍ପ୍ରତି ଶାସକ ଦଳରେ ଥିବା ନେତାମାନେ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ କହୁଥିଲେ। ଧାରଣାସ୍ଥଳକୁ ଯାଇ ସମର୍ଥନ ଦେବା ସହ ସେମାନେ ସରକାରକୁ ଆସିଲେ ଦାବି ପୂରଣ ପାଇଁ ପଦକ୍ଷେପ ନେବେ ବୋଲି କହୁଥିଲେ। ସମ୍ପ୍ରତି ମୁଖ୍ୟମନ୍ତ୍ରୀ ଥିବା ମୋହନ ଚରଣ ମାଝୀ ମଧ୍ୟ ସେମାନଙ୍କ ସହ ସ୍ୱର ମିଳାଇ ସେମାନେ ସରକାରକୁ ଆସିଲେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପରେ ସଂଘ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ଅର୍ଥମନ୍ତ୍ରୀ, ଆଇନ ମନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛନ୍ତି। ସମସ୍ତେ ଦାବିକୁ ଯଥାର୍ଥ ବୋଲି କହୁଥିଲେ ମଧ୍ୟ ପୂରଣ ପାଇଁ ତତ୍ପରତା ଦେଖାଉ ନାହାନ୍ତି। ସରକାର ସେମାନଙ୍କ ପ୍ରତି କାଳକ୍ଷେପଣ ନୀତି ବା ବୈମାତୃକ ମନୋଭାବ ପ୍ରଦର୍ଶନ କଲେ ସଂଘ ବାଧ୍ୟ ହୋଇ ଚରମ ପଦକ୍ଷେପ ନେବ ବୋଲି ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି। ଏହାସହ ଆସନ୍ତା ୨୦ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବା ସହ ମନ୍ତ୍ରୀ ଓ ବିଧାୟକଙ୍କ ବାସଭବନ ଘେରିବେ। ଯାହା ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘର ସଭାପତି ଡ. ଦେବ ବିଜୟ ମିଶ୍ରଙ୍କ ସମେତ ଅନ୍ୟମାନେ ଚେତାବନୀ ଦେଇଛନ୍ତି।

# ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ

ଭୁବନେଶ୍ୱର,୧୬।୨(ସମିସ): ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ଓଡ଼ିଶା ରାଜ୍ୟ ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଜୟଦେବ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଖିଳ ଭାରତୀୟ ସଂଗଠନ ମନ୍ତ୍ରୀ ମା. ମହେନ୍ଦ୍ର କପୂର ଯୋଗଦେଇ ରାଷ୍ଟ୍ର ହିତରେ ଶିକ୍ଷା, ଶିକ୍ଷା ହିତରେ ଶିକ୍ଷକ ଓ ଶିକ୍ଷକ ହିତରେ ସାମାଜ ଏହି ବିଚାରରେ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ଦେଇଥିଲେ। ଏହି ବୈଠକରେ ବାରଟି ଜିଲ୍ଲାର ସଭାପତି, ସମ୍ପାଦକ, ସଂଗଠନ ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଏହି ବୈଠକରେ ରାଜ୍ୟ ସଂଗଠନ ସମ୍ପାଦକ ଡ. ନିରଞ୍ଜନ ମହାନ୍ତି, ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରମୋଦ କୁମାର ବାଜୁବନ୍ଧ, କୋଷାଧ୍ୟକ୍ଷ ବାଞ୍ଛାନିଧି ସାହୁ ଓ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରସାରପ୍ରଚାର ସହ ପ୍ରମୁଖ ପ୍ରସନ୍ନ କୁମାର ରାଉତ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ସୁବାସ ଚନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

